(24)

**Email** **Judicial Section**

**Fwd: Prayer**

OA-183/2024/EZ

**From :** Sh. RAJA CHATTERJEE Registrar <registrarngt-kolkata@gov.in>

Wed, Jul 03, 2024 09:29 AM

1 attachment

**Subject :** Fwd: Prayer

**To :** Judicial Section <ngtjudicial-kolkata@gov.in>

**Reply To :** Sh. RAJA CHATTERJEE Registrar <registrarngt-kolkata@gov.in>

---

**From:** haripriyapatel@gmail.com
**To:** "Sh. RAJA CHATTERJEE Registrar" <registrarngt-kolkata@gov.in>
**Sent:** Wednesday, July 3, 2024 8:48:35 AM
**Subject:** Prayer

To

The Honorable Chairman
National Green Tribunal
Eastern Zone Branch , Kolkata

Honorable Sir,

I Smt Haripriya Patel would like to bring your kind notice to the article "**destruction of the rock inside forest : Theft of minor minerals** " published in the Oriya paper the Samaj on 30-06-2024( copy enclosed) which highlighted the theft of minor mineral inside Singipur mines located inside the forest area between Khandapada Tehsil & Nuagaon tahasil boundary of Nayagarh District. According to the newspaper, the Singipur rock mine is a Sabak plot-151 which is located inside singipur mouza , Kahta No-63, plot No -512,513 & 514. When this plot is bada jungle type of land then how such rock mining has been allowed for excavation is matter to investigate .

According to the newspaper auction for that rock mine was advertised in the year 2020 & authorities allowed for excavation in that mine in the year 2021. The lease of those mines through auction has been taken by Niranjan Naik. In that advertisement for the mining auction only 25,000 cubic meter rock excavation has been authorized in those mines but in reality more than one lakh cubic meter of rock has been excavated till now. This illegal activity has caused destruction of the forest and rock inside that forest area.

The newspaper also mentioned that one Jayapali village is located after 6 Km from Nuagaon to Andharkani road along Nayagarh district to Daspalla road . There is a road going towards the left side of Jayapali village which is the road leading to such an illegal rock mining area. Everyday thousands of trucks loaded with illegal minor

minerals are moving along that road. Mesh of roads inside the forest area has been constructed for such truck movements transporting such illegal minor minerals.

The above facts highlighted how illegal mining inside forest areas has destroyed that jungle and the environment. Three is an urgent requirement of stopping this illegal rock mining to stop further environmental degradation. Therefore I pray the honorable tribunal to take cognizance of the illegal rock mining and instruct authorities for stopping such illegal activities and any other action as deemed fit by the honorable tribunal.

With Regards

Smt Haripriya Patel
106, Lumbini Enclave
Chandrasekharpur
Near Care Hospital
Bhubaneswar-751021
Mob:9437842777

--

RAJA CHATTERJEE
REGISTRAR,
NATIONAL GREEN TRIBUNAL,
EASTERN ZONAL BENCH, KOLKATA.
PHONE No. 033-23240094
EMAIL: registrarngt-kolkata@gov.in



**samaj 30-06-2024.jpg**
229 KB

# ଜଙ୍ଗଲ ଭିତରେ ପାହାଡ଼ ଧ୍ୱଂସ : ଲୁଟ୍ ହେଉଛି ଲଘୁ ଖଣିଜ ଦ୍ରବ୍ୟ

ନୟାଗଡ଼,୨୯।୬(ସ.ପ୍ର): ପିଚୁ ରାସ୍ତାଠାରୁ ଜଙ୍ଗଲ ଭିତରକୁ ଲମ୍ବିଛି ପଥର ଗୁଣ୍ଡ ପକା ରାସ୍ତା। ସେହି ରାସ୍ତା ଦେଇ ଦୈନିକ ଗଡୁଛି ଶତାଧିକ ହାଇୱା। ସେହି ହାଇୱାରେ ଚାଲାଣ ହେଉଛି ମୂଲ୍ୟବାନ ଲଘୁ ଖଣିଜ ପଦାର୍ଥ। ଯେତିକି ଅନୁମତି ନେଇଥିଲେ ତା'ଠାରୁ ଢେର୍ ଅଧିକ ଚାଲାଣ ହୋଇସାରିଥିବା ଜଣାପଡ଼ିଛି। ଯାହା ପ୍ରଶାସନଙ୍କୁ ଅଗୋଚର। ଯେଉଁଥି ପାଇଁ ଉକ୍ତ ଖଣି ନିକଟରେ ଥିବା ଗ୍ରାମବାସୀ ଅନେକ ସମସ୍ୟା ଭୋଗୁଛନ୍ତି। ଜିଲାପାଳଙ୍କଠାରେ ଅଭିଯୋଗ କରିବା ପରେ ମଧ୍ୟ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ଦଶପଲ୍ଲା ଯିବା ରାସ୍ତାର ନୂଆଗାଁଠାରୁ ଅନ୍ଧାରକଣି ରାସ୍ତାରେ ୬କି.ମି ଦୂର ଗଲା ପରେ ପଡ଼େ ଜୟପଲ୍ଲୀ ଗ୍ରାମ। ଉକ୍ତ ଗ୍ରାମଠାରୁ ବାମ ପାର୍ଶ୍ୱରେ ଏକ ରାସ୍ତା ପଡ଼େ। ଆଉ ସେହି ରାସ୍ତା ସାଜିଛି ଲୁଟ୍‌ର ମାଧ୍ୟମ। ଉକ୍ତ ରାସ୍ତା ଦେଇ ଦୈନିକ ଶତାଧିକ ଟ୍ରିପ୍ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ହେଉଛି। ହାଇୱା ଯିବାଆସିବା ଲାଗି ଜଙ୍ଗଲ ଭିତରେ ଜାଲ ଭଳି ବିଛାଇ ହୋଇ ରାସ୍ତା ନିର୍ମାଣ କରାଯାଇଛି। ନୟାଗଡ଼ ଜିଲାର ଖଣ୍ଡପଡ଼ା ତହସିଲ ଓ ନୂଆଗାଁ ତହସିଲ ସାମାନ୍ତ ଜଙ୍ଗଲ ମଧ୍ୟରେ ରହିଥିବା ସିଙ୍ଗିପୁର ପଥର ଖଣିରେ ଅନୁମତିଠାରୁ ୫୦ ଗୁଣ ଅଧିକ ଲୁଟ୍ ହୋଇଛି।

ଉକ୍ତ ପଥର ଖଣିରୁ ୨୫ଶହ ସିଏମ୍ ଖନନ ପାଇଁ ଅନୁମତି ରହିଥିବାବେଳେ ସେଠାରୁ ପ୍ରାୟ ୧ଲକ୍ଷ ସିଏମ୍ ପଥର ଖନନ କରାଯାଇଥିବା ଜଣାପଡ଼ିଛି। ଖଣ୍ଡପଡ଼ା ତହସିଲ ବଳଭଦ୍ରପ୍ରସାଦ ପଞ୍ଚାୟତ ସିଙ୍ଗିପୁର ମୌଜାରେ ରହିଥିବା ପଥର ଖଣିରେ ଦିନ ଦ୍ୱିପ୍ରହରରେ ବ୍ଲାଷ୍ଟିଂ କରାଯାଉଥିବା ବେଳେ ବେଆଇନ ଭାବେ ବ୍ଲାଷ୍ଟିଂ ଦିଗରେ ତହସିଲଦାର କିମ୍ବା ଉକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ ଜାଣି ଅଜଣା ପାଲଟିଛନ୍ତି। ଖଣ୍ଡପଡ଼ା ତହସିଲଦାରଙ୍କ ତଥ୍ୟ ଅନୁସାରେ, ଉକ୍ତ ପଥର ଖଣି କୋସକା ଆରଆଇ ସର୍କଲ ଅଧୀନସ୍ଥ ସିଙ୍ଗିପୁର ମୌଜା ଖାତା ନଂ ୬୩, ପ୍ଲଟ ନଂ ୫୧୨, ପ୍ଲଟ ନଂ ୫୧୩ ଏବଂ ପ୍ଲଟ ନଂ ୫୧୪ରେ ରହିଛି। ଯାହା ସାବକ ପ୍ଲଟ ନଂ ୧୫୧ ବୋଲି ସୂଚନା ମିଳିଛି। ଏହି ପ୍ଲଟ୍ ସାବକରେ ବଡ଼ ଜଙ୍ଗଲ କିସମ ହୋଇଥିବା ବେଳେ ଜଙ୍ଗଲ ଜମିରେ କିଭଳି ପଥର ଖଣି ଚାଲିଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଜଙ୍ଗଲ ଜମିରେ ଚାଲିଥିବା ପଥର ଖଣିକୁ ବନବିଭାଗ ରୋକିବାକୁ ଚେଷ୍ଟା କରିନଥିବା ଅନେକ ସନ୍ଦେହ ସୃଷ୍ଟି କରୁଛି।



- ଦୈନିକ ଶତାଧିକ ଟ୍ରିପ୍ ପଥର ଚାଲାଣ
- ନିକଟସ୍ଥ ଗ୍ରାମବାସୀଙ୍କ ଜିଲାପାଳଙ୍କ ଠାରେ ଅଭିଯୋଗ
- ଅଭିଯୋଗ ସତ ହେଲେ କାର୍ଯ୍ୟାନୁଷ୍ଠାନ: ଜିଲା ଖଣି ଅଧିକାରୀ

୨୦୨୦ରେ ସିଙ୍ଗିପୁର ପଥର ଖଣି ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୧ ଅଗଷ୍ଟରେ ପଥର ଖନନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଏହି ପଥର ଖଣି ନିରଞ୍ଜନ ନାୟକଙ୍କ ନାମରେ ନିଲାମ ଦିଆଯାଇଛି। ବିଜ୍ଞପ୍ତି ଅନୁସାରେ ଉକ୍ତ ସ୍ଥାନରୁ ୨୫ ଶହ ସିଏମ୍ ପଥର ଖନନ କରାଯିବା ନିୟମ ରହିଥିଲା। କିନ୍ତୁ ସେଠାରୁ ୧ଲକ୍ଷ ସିଏମ୍‌ରୁ ଊର୍ଦ୍ଧ୍ୱ ପଥର ବ୍ଲାଷ୍ଟିଂ କରି ଲୁଟ୍ କରାଯାଇଥିବା ଜଣାପଡ଼ିଛି। ଜଙ୍ଗଲ ଓ ପାହାଡ଼ ଛାରଖାର ହୋଇ ଚାଲିଥିବା ବେଳେ ଖଣ୍ଡପଡ଼ା କିମ୍ବା ନୂଆଗାଁ ତହସିଲ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନିଘା ନଥିବା ସ୍ପଷ୍ଟ ହୋଇଛି। ଏନେଇ ୨୦୨୩ ଅଗଷ୍ଟ ୧୬ରେ ସିଙ୍ଗିପୁର ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ବେଆଇନ ଖଣି ଯୋଗୁଁ ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏବେ ପୁଣିଥରେ ସମାନ ବିଷୟକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜିଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ତେବେ ପଥର ଖଣିଗୁଡ଼ିକ ତହସିଲ କର୍ତ୍ତୃପକ୍ଷଙ୍କ ଠାରୁ ଦାୟିତ୍ୱ ମୁକ୍ତ ହୋଇ ଖଣି ବିଭାଗ ଅଧୀନକୁ ଚାଲିଯାଇଛି। ଏହି ସମ୍ପର୍କରେ ଉପରପ୍ରାପ୍ତ ନୟାଗଡ଼ ଜିଲା ଖଣି ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି, ଖଣି ସମ୍ପର୍କରେ ତହସିଲରୁ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ। ଯଦି ଏଭଳି ହୋଇଛି, ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।